# Akashvani, Sambalpur

## SAMBALPURI NEWS BULLETIN

### 21 March 2024- 6.47- 6.52 am.

**********************************************

ସାମ୍ବାଦିକ-ପୋଷ୍ଟାଲ୍ ବେଲେଟ୍- ଭୋଟ୍ ଆର୍ଏନ୍ୟୁ / ସମ୍ବଲପୁର

ସ୍ୱୀକୃତିପ୍ରାପ୍ତ କାର୍ଯ୍ୟରତ ସାମ୍ବାଦିକ୍‌ମାନେ ପୋଷ୍ଟାଲ୍ ବାଲାଟ୍ ଜରିଏ ଭୋଟ୍ ଦେଇପାର୍‌ବେ ବଲି ନିର୍ବାଚନ୍ ଆୟୋଗ ଘୋଷ୍‌ନା କରିଛନ୍ । ଇତାର୍ ସହେତେ ନିର୍ବାଚନ ଆୟୋଗ କାର୍ଯ୍ୟରତ ସାମ୍ବାଦିକ୍‌ମାନ୍‌କୁ 'ଜରୁରୀ ସେବା ଲାଗି ଅନୁପସ୍ଥିତ ଭୋଟର୍' ତାଲିକାଥି ସାମିଲ୍ କରିଛନ୍ । ଇଟା ହେବାର୍‌ନୁ କାର୍ଯ୍ୟରତ୍ ସାମ୍ବାଦିକ୍‌ମାନେ ପୋଷ୍ଟାଲ୍ ବାଲାଟ୍ ଜରିଏ ଭୋଟ୍ ଦେଇପାର୍‌ବେ ।

ଇ ପ୍ରକ୍ରିୟାଥି ସାମିଲ୍ ହେବାର୍ ଲାଗି ସ୍ୱୀକୃତି ପାଇଥିବା ସାମ୍ବାଦିକ୍ ମାନେ ନିଜର୍ ନିଜର୍ ନିର୍ବାଚନ୍ ମଣ୍ଡଲୀର୍ ରିଟର୍ଣ୍ଣିଂ ଅଫିସର୍‌ଙ୍କର୍ ପାଖେ ଆବେଦନ୍ କର୍‌ବାର୍‌କେ ପଡ଼୍‌ବା । ରିଟର୍ଣ୍ଣିଂ ଅଫିସର୍ ସାମ୍ବାଦିକ୍‌ମାନ୍‌କର୍ ନିର୍ବାଚନ୍ ଆୟୋଗ ଦେଇଥିବା ପରିଚୟ

ପତ୍ର ଯାଂଚ୍ କର୍‌ବେ । ରିଟର୍ଣ୍ଣିଂ ଅଫିସର୍ ନିଜେ କି ଝନେ ନୋଡ଼ାଲ୍ ଅଧିକାରୀଙ୍କର୍ ଜରିଏ ଆବେଦନ୍‌କାରୀଙ୍କୁ ଫର୍ମ - ୧୨ ଥି ଦସ୍ତଖତ୍ କରାବେ । ଇତାର୍‌ଉତ୍‌ରୁ କାର୍ଯ୍ୟରତ ସାମ୍ବାଦିକ୍‌ମାନେ ଠିକ୍ ସମିଆଥି ପୋଷ୍ଟାଲ୍ ବାଲାଟ୍ ପାଇପାର୍‌ବେ ଆର୍ ମତଦାନ୍ କରିକରି ରିଟର୍ଣ୍ଣିଂ ଅଫିସର୍‌ଙ୍କୁ ପୋଷ୍ଟାଲ୍ ବାଲାଟ୍ ପଠାବେ । ରାଏଜେ ଇ ପ୍ରକ୍ରିୟାକେ ତୁର୍‌ତି କରାଯିବାର୍ ସହେତେ କାର୍ଯ୍ୟରତ ସାମ୍ବାଦିକମାନ୍‌କର୍ ମତଦାନ୍ ଲାଗି ଠିକ୍ ବ୍ୟବସ୍ଥା କରାଯିବା ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ ।

ନ୍ୟାୟିକ ଭିତିଭୂମି ଶିଲାନ୍ୟାସ୍- ମୁଖ୍ୟ ବିଚାର୍‌ପତି

ଆର୍‌ଏନ୍‌ୟୁ /  ସମ୍ବଲପୁର

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଗଲାକାଏଲ୍ ରାଜ୍ୟର୍ ୧୭ ଟା ଜିଲ୍ଲା ନ ଭିନ୍ ଭିନ୍ ନ୍ୟାୟିକ ଭିତିଭୂମିର୍ ଶିଲାନ୍ୟାସ୍ ଆଭାସୀ ଜରିଏ କରିଛନ୍ । ଇ ଅବ୍‌ସରେ ହାଇକୋର୍ଟ ବିଲ୍‌ଡିଂ କମିଟିର୍ ଅଧ୍ୟକ୍ଷ ଆଉ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାର୍‌ପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ୍ ଷଡ଼ଙ୍ଗୀ ଉପସ୍ଥିତ୍ ଥିଲେ । ଇଥିର୍‌ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍,

ସୁନ୍ଦରଗଡ଼୍, ସୁବର୍ଣ୍ଣପୁର୍, କଲାହାଣ୍ଡି, ବୌଦ୍ଧ ଆର୍ ଦେବ୍‌ଗଡ଼୍ ଜିଲ୍ଲା ନ ନୂଆଁ କୋର୍ଟ କୋଠାର ଭିତିପ୍ରସ୍ତର୍ ଥାପ୍‌ନା ହେଇଯାଇଛେ ।

ବେଙ୍କିଙ୍ଗ୍ ସେବା ଆର୍‌ଏନ୍‌ୟୁ / ସମ୍ବଲପୁର

ମାର୍ଚ୍ଚ ୩୧ ତାରିଖ୍ ରଏବାର୍ ଦିନ ଦେଶର୍ ସବୁ ବେଙ୍କ୍ ଖୁଲା ରହେବା । ଇ ବାବ୍‌ଦେ ସୋସିଆଲ୍ ମିଡ଼ିଆ ଏକ୍ସ୍‌ଥି ପୋଷ୍ଟ୍ କରିକରି ରିଜର୍ଭ ବେଙ୍କ୍ ସୂଚ୍‌ନା ଦେଇଛେ । ଚଲ୍‌ତି ଆର୍ଥିକ୍ ବଛର୍ ୨୦୨୩-୨୪ର ଶେଷ୍ ଦିନ୍ ଥିବାର୍‌ନୁ ରିଜର୍ଭ ବେଙ୍କ୍ ଇ ନିଷ୍ପତି ନେଇଛେ ବଲି ସୂଚ୍‌ନା ଦେଇଛେ । ଆର୍ଥିକ୍ ବଛର୍ ଶେଷ୍ ହେବାର୍ ଆଘୋନୁ ସାଧାରଣ୍ ଲୁକ୍‌କର୍ ସୁବିଧାର୍ ଲାଗି ବେଙ୍କ୍, ଆୟକର୍ ବିଭାଗ୍ ଆର୍ ଜିଏସ୍‌ଟି କାର୍ଯ୍ୟାଲୟ ଭିଲ୍ ଶନିବାର୍ ୩୦ ଆର୍ ରଏବାର୍ ୩୧ ତାରିଖ୍ ଖୁଲା ରହେବା । ଇଥିର୍‌ଲାଗି ସାଧାରଣ୍ ଲୋକ୍‌ମାନେ ଆୟକର ଆଉ ଜିଏସ୍‌ଟି ପୈଠ କର୍‌ବାର୍‌ଥି ସୁବିଧା ପାଇପାର୍‌ବେ । ଆୟକର ବିଭାଗ୍ ଗୁଡ଼୍ ଫ୍ରାଇଡ଼େ ଛୁଟି- ଶୁକ୍ରବାର୍ ଦିନ ଭିଲ୍ ସୁବିଧା ଦେବାର୍ ଲାଗି ଛୁଟି ରଦ୍ଦ କରିଛେ । ସେନ୍ତା ଇ ମାସର୍ ୨୯, ୩୦ ଆର୍ ୩୧ ତାରିଖ୍

ଦିନ ସାରା ଦେଶେ ଆୟକର କାର୍ଯ୍ୟାଲୟ ଖୁଲାରହେବା ବଲି ଆୟକର ବିଭାଗ୍ ଜନେଇଛେ ।

ଆନ୍ତର୍ଜାତିକ୍ ଜଙ୍ଗଲ୍ ଦିବସ୍            ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଜଙ୍ଗଲ୍ ଦିବସ୍ । ମିଲିତ୍ ଜାତିସଂଘର୍ ସାଧାରଣ ପରିଷଦ୍‌ର ପ୍ରସ୍ତାବ୍ ଅନ୍‌ସାରେ  ଜଙ୍ଗଲ୍‌ର ମହତ୍ୱ ଆର୍ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛରର୍ ବିଶ୍ୱ ଜଙ୍ଗଲ୍ ଦିବସ୍‌ର ବାର୍ତା ହେଉଛେ 'ଜଙ୍ଗଲ ବଁଚାବାର୍ ଲାଗି ନୂଆଁ କୌଶଲ୍ ଗୁଟେ ଉତମ ବିଶ୍ୱ ଲାଗି ନୂଆଁ ସମାଧାନ' । ଇ ବାର୍ତାକେ କାର୍ଯ୍ୟକାରୀ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯିବା ।

ଇନ ଜନେଇ ଦିଆଯାଇପାରେ ଯେ, ପୁର୍‌ଥିର୍ ଶହେ କୋଟି ୬୦ ଲାଖ୍ ଗରିବ୍ ଲୋକ୍ ଜଙ୍ଗଲ୍ ଉପ୍‌ରେ ଜୀବିକା ଉପାର୍ଜନ୍ ଲାଗି ନିର୍ଭର୍ କର୍‌ସନ୍ ।  ପୁର୍‌ଥିର୍ ମୋଟ୍ ଜୈବ ବିବିଧତାର ୮୦ ପ୍ରତିଶତ୍ ଜଙ୍ଗଲ୍ ନୁ ମିଲ୍‌ସି । ଜଙ୍ଗଲ୍ - ପରିବେଶ୍‌କେ ସୁରକ୍ଷା ଦେବାର୍ ସହେତେ ଜଲବାୟୁ ଆର୍ ବାୟୁମଣ୍ଡଲ୍‌ର ତାପମାତ୍ରାକେ କମେଇଥିସି । ହେଲେ ମୁନୁଷ୍ ମାନ୍‌କ୍‌ର୍ ଲାଗି ଜଙ୍ଗଲ୍ ନଷ୍ଟ ହେଉଛେ । ଯେନ୍‌ଥିର୍‌ଲାଗି ଜଲବାୟୁ ପରିବର୍ତନ ଆଉ

ବିଶ୍ୱତାପନ ବାଗିର୍ ସମସ୍ୟା ଦେଖାଦେଉଛେ । ହେ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ବିଶ୍ୱ ଜଙ୍ଗଲ୍ ଦିବସ୍ ପାଲନ୍ କରାଯାଉଛେ ।

ଫେକ୍ଟ ଚେକ୍ ୟୁନିଟ୍ ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ସର୍‌କାର୍‌ଙ୍କର୍ 'ଫେକ୍ଟ ଚେକ୍ ୟୁନିଟ୍' କି ତଥ୍ୟ ଯାଂଚ୍ ସଂସ୍ଥା ଭାବେ ସୂଚନା ଆଉ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ୍‌ଥି ଥିବା ପତ୍ର ସୂଚନା କାର୍ଯ୍ୟାଳୟର 'ଫେକ୍ଟ ଚେକ୍ ୟୁନିଟ୍' କାମ୍ କର୍‌ବା । ଇ ବାବ୍‌ଦେ ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ତର୍‌ଫୁ ଗଲାକାଏଲ୍ ଗେଜେଟ୍ ବିଜ୍ଞପ୍ତି ବାହାରିଛେ । ଖାସ୍ କରି ସାମାଜିକ୍ ଗଣମାଧ୍ୟମ୍ ମାନ୍‌କେ ମିଛ୍ ଆଉ ଭୁଲ୍ ଖବର୍ ଫଏଲୁଥିବାର୍‌ଟାକେ ରୁକ୍‌ବାର୍ ଦିଗେ ଇ ସଂସ୍ଥା କାମ୍ କର୍‌ବା ।

ଭୋଟର୍ ସଚେତନତା- ଭିସୁଟ୍- ବୁର୍ଲା ଆର୍‌ଏନ୍‌ୟୁ / ସମ୍ବଲପୁର

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟ- ବୁର୍ଲା ନ ଗଲାକାଏଲ୍ ଭୋଟର୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଲୟର୍ ରାଜନୀତି ବିଜ୍ଞାନ୍ ବିଭାଗ୍ର ପ୍ରଫେସର୍ ଡକ୍ଟର୍ ରଜତ୍ କୁମାର୍ କୁଜୁର ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ନୂଆଁକରି ଭୋଟ୍ ଦେବାର୍କେ ଥିବାର୍ ଛାତ୍ରଛାତ୍ରୀମାନ୍କୁ ମତଦାନ୍ର ଗୁରୁତ୍ୱ ବାବ୍ଦେ ଉପସ୍ଥିତ୍ ଅତିଥିମାନେ ସଚେତନ୍ କରେଇଥିଲେ ।

ଶାନ୍ତି କମିଟି ବୈଠକ୍ ଆର୍ଏନ୍ୟୁ / ସମ୍ବଲପୁର

ହୋଲି ସମିଆଥି ସାମ୍ପ୍ରଦାୟିକ ସଦ୍ଭାବ ଆର୍ ଆଇନ୍ ଶୃଙ୍ଖଲା ପାଳନ୍ କର୍ବାର୍ ବାବ୍ଦେ ସମ୍ବଲପୁର୍ ନ ଅତିରିକ୍ତ ଜିଲ୍ଲାପାଳ୍ - ରାଜସ୍ୱ ଅଜାମ୍ବର୍ ମହାନ୍ତିଙ୍କର୍ ଅଧ୍ୟକ୍ଷତାଥି ଶାନ୍ତି ଆଉ ସମନ୍ୱୟ କମିଟିର୍ ଗୁଟେ ବୈଠକ୍ ହେଇଯାଇଛେ । ହୋଲିଥି ଫଗୁ ଖେଳ୍ବାର୍ ଉପ୍ରେ ଜୋର୍ ଦିଆଯାଇକରି କେମିକାଲ୍ ମିଶା ରଙ୍ଗର୍ ବେଭାର୍ ନାଇଁ କର୍ବାର୍ ଲାଗି ଲୁକ୍କୁ କୁହାଯାଇଛେ । ଇ ଅବ୍ସରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଦର୍କାରୀ ପଦକ୍ଷେପ୍ ନିଆଯାଇଛେ । ଗାଧୁଆ ଘାଟ୍ମାନ୍କେ ସୁରକ୍ଷା ଲାଗି ଅଗ୍ନିଶମ ବାହିନୀ ମୁତୟନ୍ ହେବେ ବଲି ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ୫ ଟା ଜିଲ୍ଲା କଟକ୍, ଖୋର୍ଦ୍ଧା, ନୟାଗଡ୍, ଗଞ୍ଜାମ୍ ଆର୍ ପୁରୀକେ ଜବର୍ ବର୍ଷା ଲାଗି ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛେ । ଇ ଜିଲ୍ଲାମାନ୍‌କେ ବିଜ୍‌ଲି ମାର୍‌ବାର୍ ସହେତେ ବର୍ଷା ହେବାର୍ ସମ୍ଭାବନା ରହିଛେ । ସେନ୍ତା ଆଏଜ୍‌ଠାନୁ ଧିରେ ଧିରେ ପାଗ୍ ବଦ୍‌ଲିବା । ଆଏବା କାଏଲ୍‌ଠାନୁ ୫ ଦିନ୍‌ତକ୍ ପାଗ୍ ଶୁଖା ରହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।